# ବିଧାୟକ ପ୍ରଦୀପଙ୍କ ଝିଅଙ୍କୁ ଇଡିର ୬ ଘଣ୍ଟା ଜେରା

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ସମୟ ନେବା ପରେ ଶେଷରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ହାଜର ହୋଇଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଝିଅ ଶ୍ରୁତି ପାଣିଗ୍ରାହୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକ, ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ବହୁ କୋଟି ଟଙ୍କା ଠକେଇ ମାମଲାରେ ତାଙ୍କ ପୁଅ ଆକାଶ ଓ ଭାବୀ ଶ୍ୱଶୁର ବିଧାୟକ ପାଣିଗ୍ରାହୀ ଗିରଫ ହୋଇଥିଲେ। ଏହି ଦୁଇ ମାମଲାରେ ଉଭୟ ପାଠକ ଓ ପାଣିଗ୍ରାହୀ ପରିବାର ମଧ୍ୟରେ ଆର୍ଥିକ କାରବାରର ତଦନ୍ତବେଳେ ଶ୍ରୁତିଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡିଥିଲା। ତେବେ ଏ ସଂକ୍ରାନ୍ତରେ ଇଡି ଶ୍ରୁତିଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି।

ଇଡିର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଶ୍ରୁତିଙ୍କୁ ପୂର୍ବାହ୍ନ ପ୍ରାୟ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୬ଘଣ୍ଟା ଧରି ମାରାଥନ ଜେରା କରାଯାଇଥିଲା। ଏହାପୂର୍ବରୁ ଅକ୍ଟୋବର ୫ରେ ଅଭୟକାନ୍ତଙ୍କୁ ପ୍ରଥମଥର ଜେରା କରାଯାଇଥିଲା। ନଭେମ୍ବର ୧୧ରେ ଆକାଶଙ୍କୁ ଝାରପଡା ଜେଲରେ ଓ ଗତ ଗୁରୁବାର ତାଙ୍କ ବାପା ଅଭୟକାନ୍ତଙ୍କୁ ଦ୍ୱିତୀୟଥର ଜେରା କରାଯାଇଥିଲା। ଜେରା ସମୟରେ ଇଡିକୁ ଅର୍ଥ କାରବାର ନେଇ ବହୁ ତଥ୍ୟ ମିଳିଥିଲା। ଶ୍ରୁତିଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଏକାଧିକ ଅର୍ଥ ନେଣଦେଣ ହୋଇଥିବା ଜେରାବେଳେ ଜଣାପଡିଥିଲା। ଉକ୍ତ ତଥ୍ୟ ଆଧାରରେ ଶ୍ରୁତିଙ୍କୁ ଇଡି ଜେରା କରିଛି। ସେହିପରି ଆକାଶଙ୍କ ସହ ଶ୍ରୁତିଙ୍କର ବିବାହ ସ୍ଥିର ହୋଇଥିଲା। କରୋନା ସମୟରେ ଉଭୟ ପରିବାର ବିଦେଶ ଯିବା ସହ ବିଭିନ୍ନ ଷ୍ଟାର ହୋଟେଲ୍‌ରେ ଥିଲେ। ସେଥିରେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା, ତାଙ୍କ ବ୍ୟାଙ୍କ ଆକାଉଣ୍ଟଙ୍କୁ ଆକାଶ କେତେ ଟଙ୍କା ପଠାଇଥିଲେ, ଏଭଳି ବିଭିନ୍ନ ଦିଗକୁ ନେଇ ତାଙ୍କୁ ଏକାଧିକ ପ୍ରଶ୍ନ ପଚରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ଅଭୟକାନ୍ତ, ବିଧାୟକ ପାଣିଗ୍ରାହୀ ବେଲ୍‌ରେ ଆସିଥିବାବେଳେ ଆକାଶ ଏବେ ବି ଜେଲରେ ଅଛନ୍ତି। ତେବେ ଏମାନଙ୍କ ଆର୍ଥିକ କାରବାରର ତଦନ୍ତ କରୁଥିବା ଇଡି ଆକାଶଙ୍କ ଭାବି ଶ୍ୱଶୁର ତଥା ପୂର୍ବତନ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ଝିଅଙ୍କୁ ଇଡିରେ ହାଜର ହେବା ପାଇଁ ସମନ ପଠାଇଥିଲେ ମଧ୍ୟ ସେମାନେ ଏଥିପାଇଁ ସମୟ ମାଗିଥିଲେ।

# ଏମ୍‌ପି ଅପରାଜିତାଙ୍କୁ ଅଣ୍ଡା, ଢେଲା ମାଡ଼ ଘଟଣା: ୨ ଗିରଫ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଆଚାର୍ଯ୍ୟ ବିହାର ଛକରେ ଗୁରୁବାର ଏମ୍‌ପି ଅପରାଜିତାଙ୍କୁ ଅଣ୍ଡା ଓ ଢେଲା ମାଡ ଘଟଣାରେ ଶହୀଦନଗର ଥାନା ପୋଲିସ ୩ଟି ମାମଲା ରୁଜୁ ତଦନ୍ତ ଜାରି ରଖିଛି। ଶୁକ୍ରବାର ପ୍ରଥମ ମାମଲା ନଂ.୪୭୮/୨୧ରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ବସ୍ତିର ମନୋଜ ଦିଗଲ(୩୧) ଓ ବିଶ୍ୱନାଥ ପ୍ରଧାନ(୨୭)। ଅନ୍ୟ ଦୁଇ ମାମଲାରେ (ନଂ.୪୭୯ ଓ ୪୮୦/୨୧)ରେ ତଦନ୍ତ ଚାଲିଥିବା ପୋଲିସ କହିଛି।

# ସମ୍ବିଧାନ ଦିବସରେ ବିଧାନସଭା କର୍ମଚାରୀଙ୍କ ଶପଥ ପାଠ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ):** ଭାରତୀୟ ସମ୍ବିଧାନ ଦିବସ ଅବସରରେ ଓଡ଼ିଶା ବିଧାନସଭା ସଚିବାଳୟ ତରଫରୁ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇ ବିଧାନସଭା ସଚିବାଳୟ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ସମ୍ବିଧାନ ପ୍ରତି ଆନୁଗତ୍ୟ ରକ୍ଷା କରିବା ପାଇଁ ତଥା ଶ୍ରଦ୍ଧା ଓ ନିଷ୍ଠାର ସହ ନିଜର କର୍ତ୍ତବ୍ୟ ସୁଚାରୁରୂପେ ପାଳନ ପାଇଁ ସେ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପଶାସନ ସଚିବ ଶିଶିରକାନ୍ତ ସ୍ୱାଇଁ, ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବପ୍ରସାଦ ପଟ୍ଟନାୟକଙ୍କ ସମେତ ବିଧାନସଭାର ଅଧିକାରୀମାନେ ଯୋଗ ଦେଇଥିଲେ ।





























































